# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**NTSE**

## ରାଜ୍ୟସ୍ତରୀୟ ଜାତୀୟ ମେଧା ବୃତ୍ତି ପରୀକ୍ଷା, ୨୦୧୬-୧୭

୨୦୧୬-୧୭ ଶିକ୍ଷା ବର୍ଷରେ ଓଡ଼ିଶାର ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଦଶମ ଶ୍ରେଣୀରେ ପଢୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ଠାରୁ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ୨୦୧୬-୧୭ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପରୀକ୍ଷାରୁ ୧୧୮ ଜଣ ପାର୍ଥୀଙ୍କୁ ଜାତୀୟ ସ୍ତରୀୟ ମେଧା ବୃତ୍ତି ପରୀକ୍ଷା ୨୦୧୭ ନିମନ୍ତେ ଚୟନ କରାଯିବ । **୨୦୧୬ ନଭେମ୍ବର ୦୬ ତାରିଖ (ରବିବାର) ଦିନ ଏହି ପରୀକ୍ଷା ଅନୁଷ୍ଠିତ ହେବ ।** ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା ।

**ପ୍ରଥମ ପର୍ଯ୍ୟାୟ :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ତା୦୬.୧୧.୨୦୧୬ ରିଖ ରବିବାର ଦିନ ଅନୁଷ୍ଠିତ ହେବ ।

**ଦ୍ୱିତୀୟ ପର୍ଯ୍ୟାୟ :** ଏନ୍.ସି.ଇ.ଆର୍.ଟି ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସ୍ତରୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ୨୦୧୭ ମସିହା ମେ ମାସରେ ଦ୍ୱିତୀୟ ରବିବାରରେ ପ୍ରଥମ ପର୍ଯ୍ୟାୟରୁ ଚୟନ କରାଯାଇଥିବା ପାର୍ଥୀମାନଙ୍କୁ ନେଇ ପରିଚାଳିତ ହେବ ।

**ପରୀକ୍ଷା ଦେୟ :** ଏହି ପରୀକ୍ଷା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । କିନ୍ତୁ ପାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ ।

**ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ଯୋଗ୍ୟତା :** ଜାତୀୟ ମେଧାବୃତ୍ତି ପରୀକ୍ଷା ଦେବାପାଇଁ ପାର୍ଥୀ ୨୦୧୫-୧୬ ଶିକ୍ଷାବର୍ଷରେ ଯେ କୌଣସି ସ୍ୱୀକୃତୀପ୍ରାପ୍ତ ବିଦ୍ୟାଳୟରୁ ଗତ ନବମ ଶ୍ରେଣୀବାର୍ଷିକ ପରୀକ୍ଷାରେ ସର୍ବନିମ୍ନ ୬୦ (ଷାଠିଏ) ପ୍ରତିଶତ ନମ୍ବର ରହି ଦଶମ ଶ୍ରେଣୀ କୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସଂରକ୍ଷିତ ବର୍ଗ ପାଇଁ ଏଥିରେ ୫ପ୍ରତିଶତ କୋହଳ କରାଯିବ ଅର୍ଥାତ୍ ସେଭଳି ପାର୍ଥୀ ୫୫ (ପଞ୍ଚାବନ) ପ୍ରତିଶତ ନମ୍ବର ରଖିବା ଆବଶ୍ୟକ ।

**ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ରାଜ୍ୟର ଉଦ୍ଦିଷ୍ଟ ପାର୍ଥୀ ସଂଖ୍ୟା :** ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ଦେଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୧୮ ଜଣ ପାର୍ଥୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ଚୟନ କରାଯିବ । ଅନୁସୂଚିତ ଜାତିଙ୍କ ପାଇଁ ୧୫ ପ୍ରତିଶତ, ଅନୁସୂଚିତ ଜନଜାତିଙ୍କ ପାଇଁ ୭.୫ ପ୍ରତିଶତ ଏବଂ ଶାରୀରିକ ଭିନ୍ନକ୍ଷମ ବର୍ଗର ପ୍ରାର୍ଥୀଙ୍କ ପାଇଁ ୩ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା ରହିଛି ।

**ପରୀକ୍ଷାର ବିଷୟ :** ରାଜ୍ୟସ୍ତରୀୟ ପରୀକ୍ଷା ୨୦୧୬-୧୭ରେ ମାନସିକ ଦକ୍ଷତା ପରୀକ୍ଷଣ ଏବଂ ବିଷୟଗତ ଦକ୍ଷତା ପରୀକ୍ଷଣ ନିମ୍ନମତେ ଅନୁଷ୍ଠିତ ହେବ ।

| ପରୀକ୍ଷଣ | ପୂର୍ଣ୍ଣସଂଖ୍ୟା | ପ୍ରଶ୍ନସଂଖ୍ୟା | ଅବଧି |
|---|---|---|---|
| ମାନସିକ ଦକ୍ଷତାପରୀକ୍ଷଣ | ୫୦ | ୫୦ | ୪୫ମି |
| ଭାଷାବୋଧଗମ୍ୟତା | ୫୦ | ୫୦ | ୪୫ମି |
| ବିଷୟଗତ ଦକ୍ଷତା ପରୀକ୍ଷଣ | ୧୦୦ | ୧୦୦ | ୯୦ମି |

୧. ମାନସିକ ଦକ୍ଷତା ପରୀକ୍ଷଣରେ ୫୦ଟି ବହୁବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିବ ଏବଂ ୪୫ମି ମଧ୍ୟରେ ଉତ୍ତର ଦେବାକୁ ହେବ । ଏହା (Reasoning) ଯୁକ୍ତି, (Analogy) ସାଦୃଶ୍ୟ, (Classification) ଶ୍ରେଣୀ ବିଭାଗ, (Pattern Perception) ଢାଞ୍ଚା ଉପଲବ୍ଧି ଉପରେ ପର୍ଯ୍ୟବେସିତ ହେବ ।

୨. ଭାଷା ଦକ୍ଷତା ପରୀକ୍ଷଣରେ ୫୦ଟି ବହୁବିକଳ୍ପ ଉତ୍ତମୂଳକ ପ୍ରଶ୍ନ ରହିବ ଯାହାକୁ ୪୫ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ପଡ଼ିବ । ଇଂରାଜୀ ଭାଷା ଦକ୍ଷତା ଓ ଓଡ଼ିଆ ଭାଷା ଦକ୍ଷତା ଉପରେ ପରୀକ୍ଷା ହେଉଥିବା ବେଳେ ପାର୍ଥୀ ଯେ କୌଣସି ଗୋଟିଏ ଭାଷା ଦକ୍ଷତାରେ ପରୀକ୍ଷା ଦେଇପାରିବ ।

୩. **ବିଷୟଗତ ଦକ୍ଷତା :** ଏହି ବିଭାଗରେ ଗଣିତ, ପଦାର୍ଥ ବିଜ୍ଞାନ, ରାସାୟନିକ ବିଜ୍ଞାନ, ଜୀବନବିଜ୍ଞାନ, ଇତିହାସ, ଭୂଗୋଳ, ନଗରବିଜ୍ଞାନ ଓ ଅର୍ଥନୀତୀ ଇତ୍ୟାଦି ବିଷୟରୁ ୧୦୦ଟି ବିହୁ ବହୁବିକଳ୍ପ ପ୍ରଶ୍ନ ରହିବ । ଏଗୁଡ଼ିକୁ ୯୦ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ହେବ ।

**ପରୀକ୍ଷା ନିମନ୍ତେ ପାଠ୍ୟ ବିଷୟ :** ଏହି ପରୀକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ବିଷୟ ନାହିଁ । ତେବେ ପ୍ରଶ୍ନଗୁଡ଼ିକ ନବମ ଓ ଦଶମ ଶ୍ରେଣୀର ପାଠ୍ୟ ବିଷୟକୁ ନେଇ ଗଠିତ ହୋଇପାରେ ।

**ଚୟନ ପ୍ରକ୍ରିୟା :** ଏହି ରାଜ୍ୟସ୍ତରୀୟ ପ୍ରଥମ ପରୀକ୍ଷାରେ ପାର୍ଥୀଙ୍କୁ ପ୍ରତେକ ପତ୍ର ଯଥା ମ୍ୟାଟ୍, ସ୍ୟାଟ୍ ଓ ଭାଷାରେ ୪୦ (ଚାଳିଶ) ପ୍ରତିଶତ ନମ୍ବର ରଖିବାକୁ ପଡ଼ିବ । ତେବେ ସଂରକ୍ଷିତ ବର୍ଗ ପାର୍ଥୀମାନଙ୍କ କ୍ଷେତ୍ରରେ ପ୍ରତ୍ୟେକ ପତ୍ରରେ ୩୫% ନମ୍ବର ରଖିବାକୁ ହେବ । ମ୍ୟାଟ୍ ଓ ସ୍ୟାଟ୍‌ରେ ଥିବା ମୋଟ୍ ନମ୍ବରକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯିବ କିନ୍ତୁ ଭାଷାରେ ରଖିଥିବା ନମ୍ବରକୁ ମେରିଟ୍ ଲିଷ୍ଟ ତିଆରି କରିବା ପାଇଁ ମୋଟ୍ ନମ୍ବରରେ ମିଶାଯିବ ନାହିଁ ।

**ବୃତ୍ତିସଂଖ୍ୟା, ପରିମାଣ ଓ ଅବଧି :** ସମଗ୍ର ଦେଶରେ ୧୦୦୦ଟି ଜାତୀୟ ମେଧାବୃତ୍ତି ପ୍ରଦାନ କରାଯିବ । ମନୋନିତ ପ୍ରାର୍ଥୀମାନଙ୍କର ପାଠପଢ଼ାର ସନ୍ତୋଷଜନକ ଅଗ୍ରଗତି ଆଧାରରେ ବିଜ୍ଞାନ, ସମାଜବିଜ୍ଞାନ ଓ ବାଣିଜ୍ୟ ବିଷୟରେ ପି.ଏଚ୍.ଡ଼ି ପର୍ଯ୍ୟନ୍ତ ଏବଂ ଇଞ୍ଜିନିୟରିଙ୍ଗ୍, ମେଡ଼ିସିନ୍, ମ୍ୟାନେଜ୍‌ମେଣ୍ଟ ଏବଂ ଆଇନ୍ ଶିକ୍ଷାରେ ପୋଷ୍ଟ ଗ୍ରାଜୁଏସନ୍ ପର୍ଯ୍ୟନ୍ତ ବୃତ୍ତି ପାଇବେ । ବୃତ୍ତିର ପରିମାଣ ନିମ୍ନରେ ଦିଆଗଲା ।

କ. +୨ ସ୍ତର ପାଇଁ ୧୨୫୦ଟଙ୍କା

ଖ. +୩ ଓ ପିଜି ସ୍ତର ପାଇଁ ୨୦୦୦ଟଙ୍କା

ଗ. ପି.ଏଚ୍.ଡ଼ି ପାଇଁ ୟୁଜିସି ନିୟମ ଅନୁଯାୟୀ ବୃତ୍ତି ପାଇବେ

**ପରୀକ୍ଷା କେନ୍ଦ୍ର :**

ଏହି ପରୀକ୍ଷା ରାଜ୍ୟର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ମହାବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟମାନଙ୍କରେ ଅନୁଷ୍ଠିତ ହେବ ।

**ଆବେଦନ କରିବେ କିପରି :** ଆବେଦନ ପ୍ରଣାଳୀ ଜାଣିବା ପାଇଁ TE and SCERT ର USER MANNUAL ଦେଖନ୍ତୁ । ଛାତ୍ରଛାତ୍ରୀ TE and SCERT ର ୱେବ୍‌ସାଇଟ୍ www.scertodisha.nic.inକୁ Login କରି ଅନଲାଇନ୍ ଆବେଦନ ପତ୍ର ପୂରଣ କରିପାରିବେ । ଫର୍ମ ପୂରଣ କରିସାରିବା ପରେ ଡାଉନ୍‌ଲୋଡ୍ କରି ପ୍ରିଣ୍ଟଆଉଟ୍ ନେଇ ସ୍କୁଲରେ ଦାଖଲ କରିବେ । ସ୍କୁଲର ମୁଖ୍ୟ ସ୍କୁଲ୍ ପାଇଁ ଉଦ୍ଦିଷ୍ଟ ଆବଶ୍ୟକୀୟ ବିବରଣୀ ପୂରଣ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଫର୍ମଗୁଡ଼ିକ ଦାଖଲ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ ଫର୍ମଗୁଡ଼ିକୁ ଉପଯୁକ୍ତ ଭାବରେ ଯାଞ୍ଚକରି Validate କରିବେ । ପ୍ରବେଶ ପତ୍ର (Admit Card) ଗୁଡ଼ିକ ବିଦ୍ୟାଳୟ/ଛାତ୍ରଛାତ୍ରୀମାନେ ଡାଉନ୍‌ଲୋଡ୍ କରିପାରିବେ ।

**ସମୟ ନିର୍ଘଣ୍ଟ :**

| | |
|---|---|
| ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ପତ୍ର ପୂରଣର ଶେଷ ତାରିଖ | ୦୧.୦୮.୨୦୧୬ – ୨୪.୦୮.୨୦୧୬ |
| ଛାତ୍ରଛାତ୍ରୀମାନେ ସ୍କୁଲ୍‌ରେ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ | ୨୪.୦୮.୨୦୧୬ |
| ପ୍ରଧାନ ଶିକ୍ଷକଙ୍କ ସହ ମୋହର ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଆବେଦନପତ୍ର ଦାଖଲ | ୩୦.୦୮.୨୦୧୬ |
| ଆବେଦନ ପତ୍ର ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅନ୍‌ଲାଇନ୍ Validation ର ଶେଷ ତାରିଖ | ୧୦.୦୯.୨୦୧୬ |
| ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବା | ୧୪.୧୦.୨୦୧୬ ରୁ |
| SCERT ଦ୍ୱାରା ରୋଲ୍ ସିଟ୍ ପରୀକ୍ଷା କେନ୍ଦ୍ରକୁ ପ୍ରେରଣ | ୨୮.୧୦.୨୦୧୬ |
| ପରୀକ୍ଷାର ତାରିଖ | ୦୬.୧୧.୨୦୧୬ |

**ଦରଖାସ୍ତ ଫର୍ମ ସହ ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ :**

୧. ଅନୁସୂଚୀତଜାତି ଓ ଜନଜାତି ପ୍ରାର୍ଥୀମାନଙ୍କର ଜାତିଗତ ପ୍ରମାଣ ପତ୍ର ତହସିଲ୍‌ଦାର୍ ବା ଅତିରିକ୍ତତହସିଲ୍‌ଦାରଙ୍କ ଠାରୁ ଓ ଭିନ୍ନକ୍ଷମ ପାର୍ଥୀମାନଙ୍କର ପ୍ରମାଣପତ୍ର ସମ୍ପୃକ୍ତ ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ ଦ୍ୱାରା ପ୍ରାପ୍ତ ହେବା ବାଞ୍ଛନୀୟ ।

ବିଦ୍ୟାଳୟ ମୁଖ୍ୟ/ଶିକ୍ଷା ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇନଥିବା/ଅସମ୍ପୂର୍ଣ୍ଣ ଦରଖାସ୍ତ/ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

**ନିର୍ଦ୍ଦେଶକ**

**ଶିକ୍ଷକ ଶିକ୍ଷାନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା**

**ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର**